# ବିସର୍ଗସନ୍ଧିଃ

ନିକଟତମ ବର୍ଣ୍ଣଦ୍ୱୟ ରୂପେ ବିସର୍ଗ ସହ ସ୍ୱର ବା ବ୍ୟଞ୍ଜନର ମିଳନରୁ ବିସର୍ଗର ଯେଉଁ ପରିବର୍ତ୍ତନ ଘଟେ ତାହାକୁ ବିସର୍ଗ ସନ୍ଧି କୁହାଯାଏ ।

୧। ଅଃ + ଅ = ଓଽ ('ଅ'ର ଲୋପ ଚିହ୍ନ = ଽ)

ଯଥା :- ସଃ + ଅହମ୍ = ସୋଽହମ୍, ବାଳଃ + ଅୟମ୍ = ବାଳୋଽୟମ୍

(ସଃ → ସସ୍ → ସରୁ → ସଉ → ସ୍ଓ + ଅହମ୍ = ସୋ + ଽହମ୍ = ସୋଽହମ୍)

## ଅଭ୍ୟାସଃ

ସନ୍ଧିଂ କୁରୁତ ।

| | |
|---|---|
| ଶିବଃ + ଅହମ୍ = ________ | ଶାନ୍ତଃ + ଅସ୍ତି = ________ |
| ଶୁଦ୍ଧଃ + ଅହମ୍ = ________ | ବୁଦ୍ଧଃ + ଅହମ୍ = ________ |
| ମୁକ୍ତଃ + ଅହମ୍ = ________ | ସଃ + ଅପି = ________ |
| ତତଃ + ଅନ୍ୟଥା = ________ | ଶିବଃ + ଅର୍ଚ୍ଚିତଃ = ________ |
| ଜିତେନ୍ଦ୍ରଃ + ଅବଦତ୍ = ________ | କାଳଃ + ଅୟମ୍ = ________ |
| କୁତଃ + ଅୟମ୍ = ________ | ବସନ୍ତଃ + ଅକରୋତ୍ = ________ |
| ବେଦଃ + ଅଧୀତଃ = ________ | ଉଚିତଃ + ଅବସରଃ = ________ |

୨। ଅଃ + ମୃଦୁବ୍ୟଞ୍ଜନମ୍ = ଓ

ଯଥା = ଏକଃ + ଦେବଃ = ଏକୋ ଦେବଃ । ଭୂୟଃ + ଭୂୟଃ = ଭୂୟୋଭୂୟଃ ।

ଗ୍ ଘ୍ ଙ୍, ଜ୍ ଝ୍ ଞ୍, ଡ୍ ଢ୍ ଣ୍, ଦ୍ ଧ୍ ନ୍, ବ୍ ଭ୍ ମ୍, ହ୍ ୟ୍ ବ୍ ର୍ ଲ୍ - ଏଗୁଡ଼ିକ ମୃଦୁବ୍ୟଞ୍ଜନ ।

## ଅଭ୍ୟାସଃ

ସନ୍ଧିଂ କୁରୁତ ।

| | |
|---|---|
| କେଶବଃ + ବା = ________ | ନମଃ + ନମଃ = ________ |
| ନମଃ + ପିତ୍ରେ = ________ | ନମଃ + ଭଗବତେ = ________ |
| ନମଃ + ବାସୁଦେବାୟ = ________ | ରମଣୀୟଃ + ମୃଗଃ = ________ |
| ସିଂହଃ + ଗର୍ଜ୍ଜତି = ________ | ମେଘଃ + ଗର୍ଜ୍ଜତି = ________ |
| ଶୁକଃ + ବଦତି = ________ | ଶୋଭନଃ + ଗନ୍ଧଃ = ________ |
| ରବୀନ୍ଦ୍ରଃ + ହସତି = ________ | ବାଳଃ + ଯାତି = ________ |
| ଶିକ୍ଷକଃ + ଲିଖତି = ________ | ଭକ୍ତଃ + ନମତି = ________ |
| ସୂର୍ଯ୍ୟଃ + ଭାତି = ________ | ଅଶ୍ୱଃ + ଘାସମ୍ = ________ |

ଦେବଃ + ମହେଶ୍ୱରଃ + ବରାନ୍ ଦଦାତି = ________

ଗୋପାଳଃ + ଗାଃ ଚାରୟତି = ________

ବାଳକଃ + ଗୃହଂ ଗଚ୍ଛତି = ________

ଅର୍ଜୁନଃ + ଗାଣ୍ଡୀବଂ ଧରତି = ________

ସାଧକଃ + ଗାୟତ୍ରୀଂ ପଠତି = ________

ଅଧ୍ୟାପକଃ + ଘଟାଂ ପଶ୍ୟତି = ________

ସେବକଃ + ଘଣ୍ଟାଂ ବାଦୟତି = ________

ଅୟମ୍ ଅନ୍ଧଃ + ଜଗତ୍ କିଂରୂପମ୍ ଇତି ନ ଜାନାତି = ________

ଜନକଃ + ଜନନୀ ଇତି ଶବ୍ଦଦ୍ୱୟଂ କସ୍ୟ ନ ପ୍ରିୟମ୍ ? = ________

ଶୁଭକାନ୍ତଃ + ଜଳଂ ପିବତି । = ________

ନିରହଂକାରଃ + ଜନଃ ଭଗବତଃ ପ୍ରିୟଃ । = ________

ସର୍ପଃ + ଝଟିତି ବିଳଂ ପ୍ରବିଷ୍ଟଃ = ________

ଜ୍ଞାନିନଃ + ଜ୍ଞାନଯୋଗମ୍ ଅଭ୍ୟସ୍ୟନ୍ତି = ________

ଶିବଃ + ଡମରୁଂ ବାଦୟତି = ________

ସୈନିକଃ + ଢାଲଂ ଧରତି = ________

ଦାନବଃ + ଦୟାଂ ନ କରୋତି = ________

ବାଳକଃ + ଦୁଗ୍ଧଂ ପିବତି = ________

ଧନଞ୍ଜୟଃ + ଧୃତରାଷ୍ଟ୍ରଂ କଥୟତି = ________

ଯୁଧିଷ୍ଠିରଃ + ଧର୍ମାବତାରଃ = ________

କଃ + ଧନଂ ନ ଇଚ୍ଛତି = ________

ନାବିକଃ + ନାବଂ ଚାଳୟତି = ________

କଃ + ନିତ୍ୟଂ ସାମାଚାରପତ୍ରଂ ପଠତି ? = ________

ନ୍ୟାୟାଧୀଶଃ + ନ୍ୟାୟଂ କରୋତି = ________

ଅୟଂ ବାଳକଃ + ବୁଦ୍ଧିମାନ୍ = ________

ବ୍ରାହ୍ମଣଃ + ବ୍ରହ୍ମ ଜାନାତି = ________

ସର୍ବେ ସୁଖିନଃ + ଭବନ୍ତୁ = ________

ପରଧର୍ମଃ + ଭୟାବହଃ = ________

ମାନବଃ + ମରଣଶୀଳଃ = ________

ସାଧକଃ + ମନ୍ତ୍ରଂ ପଠତି = ________

ଅୟଂ ମମ ବାମଃ + ହସ୍ତଃ = ________

ନଗାଧିରାଜଃ + ହିମାଳୟଃ ଉତ୍ତରସ୍ୟାଂ ଦିଶି ବର୍ତ୍ତତେ । = ________

ଶ୍ରୀକୃଷ୍ଣଃ + ଯୋଗେଶ୍ୱରଃ = ________

ରୋଗଃ + ରୋଗିଣଂ ନ ମୁଞ୍ଚତି = ________

ଧର୍ମଃ + ରକ୍ଷତି ରକ୍ଷିତଃ = ________

ରାବଣଃ + ଲଙ୍କାଧିପତିଃ = ________

ସାଧକଃ + ଲୋଭୀ ନ ଭବେତ୍ = ________

**୩। ଅଃ + ଅକାରଭିନ୍ନ କୌଣସିସ୍ୱର = ବିସର୍ଗଲୋପ**

ଯଥା :- ଭୀମଃ + ଆଗତଃ = ଭୀମ ଆଗତଃ ।

**ସନ୍ଧିଂ କୁରୁତ ।**

ବୀରଃ + ଆଗତଃ = ________

ଧର୍ମାବତାରଃ + ଇବ = ________

ମଲ୍ଲଃ + ଆସ୍ଫାଳୟତି = ________

ସଃ + ଉତ୍ତିଷ୍ଠତି = ________

ବାଳକଃ + ଋଷିଂ ପ୍ରଣମତି = ________

ରାମଃ + ଉବାଚ = ________

ରାମଃ + ଆଗଚ୍ଛତ୍ = ________

ଶ୍ରୀଅରବିନ୍ଦଃ + ଋଷିଶ୍ରେଷ୍ଠଃ = ________

ରାମଃ + ଇଚ୍ଛତି = ________

କୁତଃ + ଇଚ୍ଛତି = ________

ଅର୍ଜୁନଃ + ଉବାଚ = ________

ସୂର୍ଯ୍ୟଃ + ଉଦେତି = ________

ମଧୁରଃ + ଏଷଃ + ବିଷୟଃ = ________

ରାମଃ + ଐଚ୍ଛତ୍ = ________

ରାମଃ + ଭକ୍ତିବାନ୍ = ________

ଶିକ୍ଷକଃ + ଓଙ୍କାରମ୍ ଉଚ୍ଚାରୟତି = ________

**୪। ଆଃ + କୌଣସି ସ୍ୱର = ବିସର୍ଗଲୋପ**

ଯଥା :- ବାଳାଃ + ଅଗାୟନ୍ = ବାଳା ଅଗାୟନ୍

**ସନ୍ଧିଂ କୁରୁତ ।**

ଦର୍ଶକାଃ + ଅପଶ୍ୟନ୍ = ________

ବାଳିକାଃ + ଅନୃତ୍ୟନ୍ = ________

ଛାତ୍ରାଃ + ଅସ୍ମିନ୍ ବିଦ୍ୟାପୀଠେ ସ୍ୱଚ୍ଛନ୍ଦଂ ପଠନ୍ତି = ________

ସାଧକାଃ + ଆଶ୍ରମଂ ଗଚ୍ଛନ୍ତି = ________

ମୟୂରାଃ + ଆନନ୍ଦେନ ନୃତ୍ୟନ୍ତି = ________

ଛାତ୍ରାଃ + ଈଶୋପନିଷଦଂ ପଠନ୍ତି = ________

ଛାତ୍ରାଃ + ଇମେ = ________

କୃଷକାଃ + ଉପହାରଂ ଲଭନ୍ତେ = ________

ସେବକାଃ + ଉଦ୍ୟାନଂ ଗଚ୍ଛନ୍ତି । = ________

କେଚନ ଅଧ୍ୟାପକାଃ + ଋଷିତ୍ୱମ୍ ଅର୍ହନ୍ତି = ________

ଭାରତୀୟାଃ + ଐକ୍ୟଂ କାମୟନ୍ତେ = ________

ପ୍ରକୃତେଃ ଉପାସକାଃ + ଔଷଧଂ ବର୍ଜୟନ୍ତି = ________

ଜନାଃ + ଏତାଦୃଶଂ ଦୃଶ୍ୟମ୍ ଅନ୍ୟତ୍ର ଦ୍ରଷ୍ଟୁଂ ନାର୍ହନ୍ତି = ________

**୫। ଆଃ + ମୃଦୁବ୍ୟଞ୍ଜନମ୍ = ବିସର୍ଗଲୋପ**

ଯଥା :- ବାଳିକାଃ + ଗାୟନ୍ତି = ବାଳିକା ଗାୟନ୍ତି ।

**ସନ୍ଧିଂ କୁରୁତ ।**

ମେଘାଃ + ଗର୍ଜନ୍ତି = ________ ବିହଗାଃ + ଡୟନ୍ତେ = ________

ମୟୂରାଃ + ନୃତ୍ୟନ୍ତି = ________ କୃଷକାଃ + ହୃଷ୍ୟନ୍ତି = ________

**୬। ଅ/ଆକାର ଭିନ୍ନ କୌଣସି ସ୍ୱର + ବିସର୍ଗ + କୌଣସି ସ୍ୱର = ର୍**

ଯଥା :- ନୃପତିଃ + ଅଗଚ୍ଛତ୍ = ନୃପତିରଗଚ୍ଛତ୍

କବିଃ + ଅଲିଖତ୍ = କବିରଲିଖତ୍

**(କ) ସନ୍ଧିଂ କୁରୁତ ।**

ସାଧୁଃ + ଆଗଚ୍ଛତି = ________ ଗୁରୋଃ + ଉପଦେଶଃ = ________

ସୁଧୀଃ + ଏଷଃ = ________ ମୁନିଃ + ଓଜସ୍ୱୀ = ________

କବିଃ + ଅୟମ୍ = ________ ଭୂପତେଃ + ଉଦ୍ୟାନମ୍ = ________

ପ୍ରଭୋଃ + ଆଦେଶଃ = ________ ପ୍ରଭୁଃ + ଉବାଚ = ________

**(ଖ) ସନ୍ଧିବିଚ୍ଛେଦଂ କୁରୁତ ।**

ରବିରୁଦେତି, ମୁନିରଧ୍ୟାପୟତ୍, ବଧୂରେଷା, ଲକ୍ଷ୍ମୀରିୟମ୍, ପିତୁରିଚ୍ଛା, ପିତୁରାଜ୍ଞା, ଗୁରୋରଗ୍ରତଃ, ବନ୍ଧୁରାଗତଃ, ଭାନୁରୁଦୟତି, ବହିରାଗଚ୍ଛ ।

**୭। ଅକାର / ଆକାର ଭିନ୍ନ କୌଣସି ସ୍ୱର + ବିସର୍ଗ + ମୃଦୁବ୍ୟଞ୍ଜନ = ର୍**

ଯଥା :- ଗୁରୁଃ + ବ୍ରହ୍ମା = ଗୁରୁର୍ବ୍ରହ୍ମା, ଗୁରୁଃ + ବିଷ୍ଣୁଃ = ଗୁରୁର୍ବିଷ୍ଣୁଃ ।

(କ) ସନ୍ଧିଂ କୁରୁତ ।

ଗୁରୁଃ + ଦେବଃ = ________ ବହିଃ + ଗମନମ୍ = ________

ହରେଃ + ନାମ = ________ ଅଗ୍ନିଃ + ଜ୍ୱଳତି = ________

ବାୟୁଃ + ବାତି = ________ ବୃଷ୍ଟିଃ + ବଭୂବ = ________

ମୁହୁଃ + ମୁହୁଃ = ________ ସେନାପତିଃ + ଗଚ୍ଛତି = ________

କବିଃ + ଲିଖତି = ________ ଗୁରୋଃ + ଜ୍ଞାନମ୍ = ________

ବିଧାତୁଃ + ଲୀଳା = ________ ସାଧୁଃ + ବାଞ୍ଛତି = ________

**୮। ବିସର୍ଗ + କ/ଖ = ଯଥା ପୂର୍ବସ୍ଥିତି**

**ଉଦାହରଣମ୍**

କଃ + କିଂ କରୋତି = କଃ କିଂ କରୋତି ?

ବାନରଃ + କଦଳୀଂ ଖାଦତି = ବାନରଃ କଦଳୀଂ ଖାଦତି ।

ବାଳକଃ + କନ୍ଦୁକେନ ଖେଳତି = ବାଳକଃ କନ୍ଦୁକେନ ଖେଳତି ।

ଗୋପାଳଃ + ଖାଦ୍ୟଂ ବିତରତି = ଗୋପାଳଃ ଖାଦ୍ୟଂ ବିତରତି ।

ଛାତ୍ରଃ + ଖେଳାଙ୍ଗନଂ ଗଚ୍ଛତି = ଛାତ୍ରଃ ଖେଳାଙ୍ଗନଂ ଗଚ୍ଛତି ।

**୯। ବିସର୍ଗ + ପ୍ / ଫ୍ = ଯଥାପୂର୍ବସ୍ଥିତି**

**ଉଦାହରଣମ୍**

ପୁନଃ + ପୁନଃ = ପୁନଃ ପୁନଃ, ବ୍ରାହ୍ମଣଃ + ପୂଜୟତି = ବ୍ରାହ୍ମଣଃ ପୂଜୟତି । ବିଷ୍ଣୁଃ + ପାଳୟତି = ବିଷ୍ଣୁଃ ପାଳୟତି । ସର୍ପାଃ + ଫୁତ୍କୁର୍ବନ୍ତି = ସର୍ପାଃ ଫୁତ୍କୁର୍ବନ୍ତି ।

**୧୦। ବିସର୍ଗ + ଚ୍ / ଛ୍ = ଶ୍ + ଚ୍ / ଛ୍**

**ଉଦାହରଣମ୍**

ପୁନଃ + ଚ = ପୁନଶ୍ଚ, କଃ + ଚନ = କଶ୍ଚନ, କଃ + ଚିତ୍ = କଶ୍ଚିତ୍, ଗାବଃ + ଚରନ୍ତି = ଗାବଶ୍ଚରନ୍ତି । ପୂର୍ଣ୍ଣଃ + ଚନ୍ଦ୍ରଃ = ପୂର୍ଣ୍ଣଶ୍ଚନ୍ଦ୍ରଃ । ନିଃ + ଚୟ = ନିଶ୍ଚୟଃ । ଶିରଃ + ଛେଦଃ = ଶିରଶ୍ଛେଦଃ । ତରୋଃ + ଛାୟା = ତରୋଶ୍ଛାୟା । ରାଜ୍ଞଃ + ଛତ୍ରମ୍ = ରାଜ୍ଞଶ୍ଛତ୍ରମ୍ । ଶଠଃ + ଛଳୟତି = ଶଠଶ୍ଛଳୟତି ।

**୧୧। ବିସର୍ଗ + ଟ୍ + ଠ୍ = ଷ୍ + ଟ୍ / ଠ୍**

**ଉଦାହରଣମ୍**

କବେଃ + ଟୀକା ପଠନୀୟା = କବେଷ୍ଟୀକା ପଠନୀୟା । ତୈଃ + ଟୋପିକା ଧାରିତା = ତୈଷ୍ଟୋପିକା ଧାରିତା ।

ସୋପାନେଷୁ ଲୁଠନ୍ କଳସଃ + ଠଠଂ ଠଂ କରୋତି = ସୋପାନେଷୁ ଲୁଠନ୍ କଳସଷ୍ଠଂ ଠଂ କରୋତି ।

**୧୨। ବିସର୍ଗ + ତ୍ / ଥ୍ = ସ୍ + ତ୍ / ଥ୍**

**ଉଦାହରଣମ୍**

ନମଃ + ତେ = ନମସ୍ତେ, ନମଃ + ତୁଭ୍ୟମ୍ = ନମସ୍ତୁଭ୍ୟମ୍ । ନମଃ + ତସ୍ମୈ = ନମସ୍ତସ୍ମୈ । ତତଃ + ତତଃ = ତତସ୍ତତଃ । କଃ + ତ୍ୱମ୍ = କସ୍ତ୍ୱମ୍ । ଦେବାଃ + ତ୍ରାୟନ୍ତେ = ଦେବାସ୍ତ୍ରାୟନ୍ତେ । ନଦ୍ୟାଃ + ତୀରେ = ନଦ୍ୟାସ୍ତୀରେ । ହଂସାଃ + ତଡାଗେ ତରନ୍ତି = ହଂସାସ୍ତଡାଗେ ତରନ୍ତି । ରୋଗିଣଃ + ଥୁତ୍କୁର୍ବନ୍ତି = ରୋଗିଣ ସ୍ଥୁତ୍ କୁର୍ବନ୍ତି । ନର୍ତ୍ତକ୍ୟଃ + ଥୈ ଥୈ ନୃତ୍ୟନ୍ତି = ନର୍ତ୍ତକ୍ୟସ୍ଥୈ ଥୈ ନୃତ୍ୟନ୍ତି ।

**୧୩। ବିସର୍ଗ + ଶ୍ / ଷ୍ / ସ୍ = ପୂର୍ବସ୍ଥିତି / ପୂର୍ବକ୍ରମ**

ନମଃ + ଶିବାୟ = ନମଃ ଶିବାୟ / ନମଶ୍ଶିବାୟ । ନମଃ + ଷଣ୍ମୁଖାୟ = ନମଃ ଷଣ୍ମୁଖାୟ / ନମଷ୍ଷଣ୍ମୁଖାୟ, ନମଃ + ସୂର୍ଯ୍ୟାୟ = ନମଃ ସୂର୍ଯ୍ୟାୟ / ନମସ୍ସୂର୍ଯ୍ୟାୟ ।

# ବିଶେଷ ବିଧି

୧। ନିଃ, ଆବିଃ, ବହିଃ, ଦୁଃ, ପ୍ରାଦୁଃ, ଚତୁଃ - ଏମାନଙ୍କ ବିସର୍ଗର 'ଷ'କାର ହୁଏ କ୍ - ଖ୍ - ପ୍ - ଫ୍ - ପରେ ଥିଲେ ।

ଯଥା :- ନିଃ + କଳଙ୍କଃ = ନିଷ୍କଳଙ୍କଃ

ନିଃ + କାମଃ = ନିଷ୍କାମଃ

ଆବିଃ + କାରଃ = ଆବିଷ୍କାରଃ

ଦୁଃ + କୃତିଃ = ଦୁଷ୍କୃତିଃ

ଦୁଃ + କରଃ = ଦୁଷ୍କରଃ

ନିଃ + ପୁତ୍ରଃ = ନିଷ୍ପୁତ୍ରଃ

ନିଃ + ପ୍ରୟୋଜନମ୍ = ନିଷ୍ପ୍ରୟୋଜନମ୍

ବହିଃ + କାରଃ = ବହିଷ୍କାରଃ

ଚତୁଃ + କୋଣଃ = ଚତୁଷ୍କୋଣଃ

ଚତୁଃ + ପଥ = ଚତୁଷ୍ପଥ

୨। ହବିଃ, ସର୍ପିଃ, ଆୟୁଃ, ଧନୁଃ, ଚକ୍ଷୁଃ, ବପୁଃ ପ୍ରଭୃତି ଇସନ୍ତ (ଇସ୍ + ଅନ୍ତ) - ଉସନ୍ତ (ଉସ୍ + ଅନ୍ତ) ଶବ୍ଦମାନଙ୍କର ବିସର୍ଗସ୍ଥାନରେ ବିକଳ୍ପରେ ଷକାର ହୁଏ କ୍, ଖ୍, ପ୍, ଫ୍ ପରେ ଥିଲେ ।

ଯଥା :- ହବିଃ + ପୁନାତୁ = ହବିଷ୍ପୁନାତୁ / ହବିଃ ପୁନାତୁ

ଆୟୁଃ + କାମୟେ = ଆୟୁଷ୍କାମୟେ / ଆୟୁଃ କାମୟେ

ଚକ୍ଷୁଃ + ପୀଡୟାମି = ଚକ୍ଷୁଷ୍ପୀଡୟାମି / ଚକ୍ଷୁଃ ପୀଡୟାମି

ମାତ୍ର ଏତାଦୃଶ ଶବ୍ଦ ସମାସିତ ହେଲେ ନିତ୍ୟରେ ଷକାର ହୁଏ ।

ଯଥା :- ହବିଃ ପ୍ରିୟଂ ଯସ୍ୟ ସଃ = ହବିଷ୍ପ୍ରିୟଃ ଦେବଃ ।

ଧନୁଃ ପାଣୌ ଯସ୍ୟ ସଃ = ଧନୁଷ୍ପାଣିଃ କ୍ଷତ୍ରିୟଃ ।

୩। ନମଃ, ପୁରଃ, ତିରଃ - ଏମାନଙ୍କର ବିସର୍ଗର ସକାର ହୁଏ କୃ ଧାତୁ ନିର୍ମିତ ଶବ୍ଦ ପରେ ଥିଲେ ।

ଯଥା :- ନମଃ + କରୋତି = ନମସ୍କରୋତି ।

## ଅଭ୍ୟାସଃ

**ସନ୍ଧିଂ କୁରୁତ ।**

ନମଃ + କାରଃ, ନମଃ + କୃତଃ, ନମଃ + କୃତ୍ୟ, ପୁରଃ + କାରଃ, ତିରଃ + କୃତଃ, ପୁରଃ + କୃତଃ, ତିରଃ + କୃତ୍ୟ, ପୁରଃ + କରୋତି ।

୪। ଅବ୍ୟୟଭିନ୍ନ ଶବ୍ଦମାନଙ୍କର ଅକାର ପରସ୍ଥିତ ବିସର୍ଗର ସକାର ହୁଏ । ସମାସରେ କର, କାର, କାନ୍ତ, କାମ, କୁଶା, କୁମ୍ଭ, ପାତ୍ର ଶବ୍ଦ ପରେ ଥିଲେ ।

ଯଥା :- ଯଶଃ + କରଃ = ଯଶସ୍କରଃ

(ଯଶଃ କରୋତି ଇତି)

ଅୟଃ + କାନ୍ତଃ = ଅୟସ୍କାନ୍ତଃ

(ଅୟସଃ କାନ୍ତଃ = ଅୟସ୍କାନ୍ତଃ)

ଅହଃ + କରଃ = ଅହସ୍କରଃ

(ଅହଃ କରୋତି ଇତି)

ଶ୍ରେୟଃ + କରଃ = ଶ୍ରେୟସ୍କର

(ଶ୍ରେୟଃ କରୋତି ଇତି)

ପୟଃ + କୁମ୍ଭଃ = ପୟସ୍କୁମ୍ଭଃ

(ପୟସେ କୁମ୍ଭଃ)

ବାଚଃ + ପତିଃ = ବାଚସ୍ପତିଃ

(ବାଚଃ (ବାଣ୍ୟାଃ) ପତିଃ = ବାଚସ୍ପତିଃ)

୫। ସଃ, ଏଷଃ ର ବିସର୍ଗ ଲୋପହୁଏ ଅକାର ଭିନ୍ନ କୌଣସି ବର୍ଣ୍ଣ ପରେ ଥିଲେ । ଅନନ୍ତର ସନ୍ଧି ହୁଏ ନାହିଁ ।

ଯଥା :- ସ ଆଗଚ୍ଛତି । ସ ମମ ଗୃହମ୍ ଆଗଚ୍ଛତି । ସ ଗଚ୍ଛତି । ଏଷ ସ୍ୱପିତି । ଏଷ ବେଗେନ ଧାବତି । ଏଷ ହସତି ।

୬। ଭୋଃ ଶବ୍ଦର ବିସର୍ଗ ଲୋପହୁଏ ଯଦି ବର୍ଗର ପ୍ରଥମ - ଦ୍ୱିତୀୟ ବର୍ଣ୍ଣ ଭିନ୍ନ ଅନ୍ୟ ବର୍ଣ୍ଣ ପରେ ଥାଏ ।

ଯଥା :- ଭୋ ଉମେଶ ! ଭୋ ବାନ୍ଧବ !

୭। ପୁନର୍, ପ୍ରାତର୍, ସ୍ୱର୍, ଅନ୍ତର୍ ଇତ୍ୟାଦି ରେଫାନ୍ତ ଅବ୍ୟୟପଦ । ସ୍ୱର ବା ମୃଦୁବ୍ୟଞ୍ଜନ ପରେ ଥିଲେ ଏମାନଙ୍କର ରେଫ ଯଥାବତ୍ ରହେ ।

ଯଥା :- ପୁନଃ + ଅପି = (ପୁନର୍ + ଅପି) = ପୁନରପି । ପୁନଃ + ଆଗଚ୍ଛ = ପୁନରାଗଚ୍ଛ । ପ୍ରାତଃ + ଆଶଃ = ପ୍ରାତରାଶଃ । ସ୍ୱଃ + ଗତଃ = ସ୍ୱର୍ଗତଃ । ଅନ୍ତଃ + ହିତଃ = ଅନ୍ତର୍ହିତଃ ।

୮। ପିତୃ-ମାତୃ ପ୍ରଭୃତି ଋକାରାନ୍ତ ଶବ୍ଦମାନଙ୍କର ସମ୍ବୋଧନରେ ରକାରର ସ୍ଥିତି ମଧ୍ୟ ଏହିପରି ଯଥାବତ୍ ରହେ ।

ଯଥା :- ପିତଃ + ଏହି = ପିତରେହି । ମାତଃ + ଦେହି = ମାତର୍ଦେହି ।

୯। ଗୀଃ + ପତିଃ = ଗୀର୍ପତିଃ, ଗୀଷ୍ପତିଃ / ଗୀଃ ପତିଃ

ଅହନ୍ + ପତିଃ = ଅହର୍ପତିଃ / ଅହଃ ପତିଃ

ଅହନ୍ + ଅହନ୍ = ଅହର୍ + ଅହର୍ = ଅହରହଃ

୧୦। ଢକାର ପରେ ଥିଲେ ଢ କାରର, ର କାର ପରେ ଥିଲେ ର କାରର ଲୋପ ହୁଏ ଏବଂ ତତ୍ପୂର୍ବ ଅଣ୍ର ଦୀର୍ଘ ହୁଏ ।

ଯଥା :- ପୁନଃ + ରାଜତେ = ପୁନର୍ + ରାଜତେ = ପୁନା ରାଜତେ ।

ପୁନଃ + ରମୟତେ = (ପୁନର୍ + ରମୟତେ) = ପୁନା ରମୟତେ । ପିତଃ + ରକ୍ଷ = (ପିତର୍ + ରକ୍ଷ) = ପିତା ରକ୍ଷ । ନିଃ + ରୋଗଃ = ନିର୍ + ରୋଗଃ = ନୀରୋଗଃ । ଅନ୍ତଃ + ରାଷ୍ଟ୍ରିୟଃ = ଅନ୍ତର୍ + ରାଷ୍ଟ୍ରିୟଃ = ଅନ୍ତାରାଷ୍ଟ୍ରିୟଃ । ଶିଶୁଃ + ରୋଦିତି = ଶିଶୁର୍ + ରୋଦିତି = ଶିଶୂ ରୋଦିତି ।

ଗୁରୁଃ + ରୁଷ୍ଟଃ = ଗୁରୁର୍ + ରୁଷ୍ଟଃ = ଗୁରୂ ରୁଷ୍ଟଃ ।

ମୁଢ୍ + ଢଃ = ମୂଢ଼ଃ । ଲିଢ୍ + ଢଃ = ଲୀଢ଼ଃ । ଉଢ୍ + ଢଃ = ଉଢଃ ।

୧୧। ବୟଃ + ସ୍ଥ = ବୟସ୍ଥ / ବୟଃ ସ୍ଥ । ଅନ୍ତଃ + ସ୍ଥ = ଅନ୍ତସ୍ଥ / ଅନ୍ତଃସ୍ଥ । ମନଃ + ସ୍ଥ = ମନସ୍ଥ / ମନଃସ୍ଥ ।

## ଅଭ୍ୟାସ

୧। ସନ୍ଧିଂ କୁରୁତ ।

(କ) ମନଃ + ରଥଃ = ମନୋରଥଃ
ମନଃ + ବିକାରଃ = ମନୋବିକାରଃ
ତପଃ + ବନମ୍ = ________
ଅଧଃ + ଗତିଃ = ________
ବୟଃ + ବୃଦ୍ଧଃ = ________
ଯଶଃ + ଗାନମ୍ = ________

(ଖ) ନିଃ + ଆଶା = ନିରାଶା
ନିଃ + ଈକ୍ଷଣମ୍ = ________
ନି + ଉକ୍ତଃ = ________
ନିଃ + ଘୋଷଃ = ________
ନିଃ + ଅସ୍ତଃ = ________
ନିଃ + ଧନଃ = ________
ଦୁଃ + ନୀତିଃ = ________
ନିଃ + ଗତଃ = ________
ଦୁଃ + ଗତିଃ = ________
ଦୁଃ + ଆଶା = ________
ଦୁଃ + ମତିଃ = ________
ଦୁଃ + ଆଚାର = ________
ଦୁଃ + ଜୟଃ = ________
ଦୁଃ + ବୋଧଃ = ________

(ଗ) ସା + ଏବ, ସା + ଇବ, ମନଃ + ତାପଃ, ବହିଃ + ଗମନମ୍, ବିଭୁଃ + ରାଜତେ, ହରିଃ + ରମ୍ୟଃ, ଦୁଃ + ଶୀଳଃ, ନିଃ + ସଂଶୟମ୍, ଦୁଃ + ଶାସନମ୍, ପ୍ରଥମଃ + ସର୍ଗଃ, ସଃ + ଉବାଚ, ଯଃ + ଅସୌ, ଓଁ ଶାନ୍ତିଃ + ଶାନ୍ତିଃ + ଶାନ୍ତିଃ ।

## ବିସର୍ଗସନ୍ଧି ସରଣି

| ବିସର୍ଗ ପୂର୍ବ ବର୍ଣ୍ଣ | ବିସର୍ଗ | aÒÙMÓର ବର୍ଣ୍ଣ | ପରିଣାମ |
|---|---|---|---|
| ସ/ଏଷ - | ଃ (ସଃ / ଏଷଃ) | ଅକାରଭିନ୍ନସ୍ୱର - | ବିସର୍ଗ ଲୋପ |
| ସ/ଏଷ - | ଃ(ସଃ/ଏଷଃ) | କୌଣସି ବ୍ୟଞ୍ଜନ - | ବିସର୍ଗ ଲୋପ |
| ସ/ଏଷ - | ଃ(ସଃ/ଏଷଃ) | ଅ | ସଃ → ସୋ<br>ଏଷଃ → ଏଷୋ |
| ଅ | ଃ | ଅ-ଭିନ୍ନ ସ୍ୱର | ବିସର୍ଗଲୋପ |
| ଆ | ଃ | ସ୍ୱର | ବିସର୍ଗଲୋପ |
| ଆ | ଃ | ବର୍ଗର ୩ୟ,୪ର୍ଥ,୫ମ ବର୍ଣ୍ଣ<br>ୟ,ର୍,ଲ୍,ବ୍,ହ୍ | ବିସର୍ଗଲୋପ |
| ଅ | ଃ | ଅ | ଅ → ଓଽ |
| ଅ | ଃ | ବର୍ଗର ୩ୟ,୪ର୍ଥ,୫ମ ବର୍ଣ୍ଣ<br>ୟ,ର୍,ଲ୍,ବ୍,ହ୍ | ଅ → ଓ |
| ଅ/ଆ/ ଭିନ୍ନସ୍ୱର | ଃ | ସ୍ୱର | ଃ → ର୍ |
| ଅ/ଆ ଭିନ୍ନସ୍ୱର | ଃ | ବର୍ଗର ୩ୟ,୪ର୍ଥ,୫ମ ବର୍ଣ୍ଣ<br>ୟ,ର୍,ଲ୍,ବ୍,ହ୍ | ଃ → ର୍ |
| ପ୍ରାତ/ପୁନ | ଃ | ସ୍ୱର ବର୍ଗର ୩,୪,୫ମ<br>ୟ,ର୍,ଲ୍,ବ୍,ହ୍ | ଃ → ର୍ |
| କୌଣସିବର୍ଣ୍ଣ | ଃ | ସ୍ / ତ୍ / ଥ୍ | ଃ → ସ୍ |
| | | ଷ୍ / ଟ୍ / ଠ୍ | ଃ → ଷ୍ |
| | | ଶ୍ / ଚ୍ / ଛ୍ | ଃ → ଶ୍ |

### ସୂତ୍ର ସୂଚନା

୧ । ଅତୋରୋରପ୍ଲୁତାଦପ୍ଲୁତେ 1.6.1.113, ଆଦ୍‌ଗୁଣଃ 1.6.1.86, ଏଙଃ ପଦାନ୍ତାଦତି । 6.1.109

୨ । ହଶି ଚ । 8.1.114

୩ । ସ ସଜୁଷୋରୁଃ 8.2.66

୪ । ବିସର୍ଜନୀୟସ୍ୟ ସଃ 8.3.34

୫ । ବା ଖରି 8.3.36